# ମିଛେ ସିନା ମଲି ଡାକି ଡାକି

ମିଛେ ସିନା ମଲି ଡାକି ଡାକି ହେ ଚକାଆଖି --୨
ଶୁଣିବାକୁ ଦୁଃଖ ମୋର କାନ ତ କଲ ପଥର
ଶକତି ନାହିଁ ତୁମର ତାରିବାକୁ ଦୁଃଖୀ ହେ ଚକାଆଖି
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି

ଡରି ମରି ଲୋକ କହେ ତୁମେ ଦୁଃଖ ହାରି ତୁମେ ଦୁଃଖ ହାରି
ଆଖି ଛୁଇଁ କହ ଦୁଃଖ ହରିଛ କାହାରି ପ୍ରଭୁ ହରିଛ କାହାରି
ସତ ମୁଁ କହୁଛି ବୋଲି ଦେବି କୋଟି ସାକ୍ଷୀ ହେ ଚକାଆଖି
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି

ରାଧାକୁ ଝୁରାଇ ତୁମେ ମାରିଛ କି ନାହିଁ ମାରିଛ କି ନାହିଁ
କରେ ଯେ ତୁମରି ଆଶ କାନ୍ଦିମରେ ସେହି ପ୍ରଭୁ କାନ୍ଦିମରେ ସେହି
ବଖାଣି ବସିଲେ ତୁମ ଗୁଣ ସରିବକି ହେ ଚକାଆଖି
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି-- ୨

-----------------

*ସୌଜନ୍ୟ - ଶ୍ରୀମତୀ ନମିତା ସାହୁ, ଅଷ୍ଟ୍ରେଲିଆ*

WWW.ORIYAMUSIC.COM